## ସଂକ୍ଷେପରେ

### ଜିଲାପାଳଙ୍କ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

ଅନୁଗୋଳ, ୨୯।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଆଗାମୀ ଅକ୍ଟୋବର ମାସ ପାଇଁ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏଥିରେ ଜିଲାପାଳ ଓ ଅନୁଗୋଳ ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେବେ। ଅକ୍ଟୋବର ୩ ତାରିଖ(ମଙ୍ଗଳବାର) ପୂର୍ବାହ୍ନ ୧୦ ଘଣ୍ଟିକାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଜିଲା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେବ। ସେହିପରି ୯ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଘଣ୍ଟିକାରେ ପାଲଲହଡ଼ା ବ୍ଲକ କାର୍ଯ୍ୟାଳୟ, ୧୬ ତାରିଖ (ସୋମବାର) ପୂର୍ବାହ୍ନ ୧୦ ଟାରେ ଜିଲା କାର୍ଯ୍ୟାଳୟ ଓ ୩୦ତାରିଖ (ସୋମବାର) ପୂର୍ବାହ୍ନ ୧୦ଟାରେ ବଣ୍ଟାରପାଳ ବ୍ଲକ କାର୍ଯ୍ୟାଳୟ ଠାରେ ଜନଶୁଣାଣି ଅନୁଷ୍ଠିତ ହେବ। ଏହି ସମସ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ଅଞ୍ଚଳର ଜନସାଧାରଣ ଯୋଗଦେଇ ନିଜ ନିଜର ଆପତ୍ତି ଅଭିଯୋଗ ଉପସ୍ଥାପନ କରିବାକୁ ଜିଲାପ୍ରଶାସନତରଫରୁଜଣାଇଦିଆଯାଉଛି। କୌଣସି ଅଞ୍ଚଳବାସୀଙ୍କ ଯଦି କିଛି ସମସ୍ୟା ବା ଅଭିଯୋଗ ଥାଏ ତେବେ ସେ ପ୍ରଥମେ ସମ୍ପୃକ୍ତ ସ୍ଥାନୀୟ ଅଧିକାରୀଙ୍କ ନିକଟରେ ସମାଧାନ ପାଇଁ ଆବେଦନ କରିବାକୁ କୁହାଯାଇଛି। କୌଣସି ବ୍ୟକ୍ତି ପ୍ରଥମ କରି ସିଧାସଳଖ ଭାବେ ମିଳିତ ଜନଶୁଣାଣି ଶିବିରକୁ ଆସି ଆପତ୍ତି ଅଭିଯୋଗ ନ କରିବାକୁ ଜିଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ ଅବଗତ କରାଯାଉଛି।

# ୨୦ କି.ମି. ମଧ୍ୟରେ ୩ ଟୋଲ୍‌ଗେଟ୍

## ପାଲଲହଡ଼ାବାସୀଙ୍କ ଉପରେ ଲଦାଯାଉଛି ବୋଝ

ପାଲଲହଡ଼ା, ୨୯।୯ (ଦିବ୍ୟଜ୍ୟୋତି ଦାଶ)



୧୪୯ନଂ. ଜାତୀୟ ରାଜପଥର ଖମାରଠାରେ ଥିବା ଟୋଲଗେଟ୍।

ଦେବଗଡ଼ ଓ କେନ୍ଦୁଝର ଜିଲାକୁ ଲାଗିକରି ଥିବା ଅନୁଗୋଳ ଜିଲାର ପାଲଲହଡା ଉପଖଣ୍ଡବସୀଙ୍କ ଉପରେ ବଢୁଛି ଟୋଲ୍‌ଗେଟ୍ ବୋଝ। ପାଲଲହଡ଼ା ଉପଖଣ୍ଡ ଠାରୁ ମାତ୍ର ୨୦ କି.ମି. ପରିଧି ମଧ୍ୟରେ ୪୯ ଏବଂ ୧୪୯ନଂ. ଜାତୀୟ ରାଜପଥରେ ୩ଟି ଟୋଲଗେଟ୍ ରହିଥିବାରୁ ନିକଟ ହେଉଥିବା ପଡ଼ୋଶୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯାଉଥିବା ରୋଗୀଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ସେହିପରି ଦେବଗଡ଼ ଓ କେନ୍ଦୁଝର ଜିଲାର ବିଭିନ୍ନ ଗ୍ରାମାଞ୍ଚଳକୁ ବ୍ୟବସାୟ ପାଇଁ ଯାଉଥିବା ଏହି ଉପଖଣ୍ଡର ବ୍ୟବସାୟୀମାନଙ୍କୁ ମଧ୍ୟ ଏକାଧିକ ଥର ଟୋଲ୍ ଟ୍ୟାକ୍ସ ଦେବାକୁ ହେଉଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, କୋଲକାତା-ମୁମ୍ବାଇ ୪୯ନଂ. ଜାତୀୟ ରାଜପଥ ପାଲଲହଡ଼ା ଉପଖଣ୍ଡ ଦେଇ ଯାଇଛି। ସେହିପରି ୧୪୯ ନଂ. ଜାତୀୟ ରାଜପଥ ପାଲଲହଡା ଠାରୁ ବଣ୍ଟାରପାଳ ପର୍ଯ୍ୟନ୍ତ ଯୋଡି ହୋଇଛି। ଗତ ୫ ବର୍ଷ ମଧ୍ୟରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ଏହି ୨ଟି ରାଜପଥର ୪ ଲେନ୍ କାର୍ଯ୍ୟ କରାଯାଇଛି। ଏଥିସହ ୪୯ନଂ. ରାଜପଥର କେନ୍ଦୁଝର ଜିଲା ଜଗମୋହନପୁରଠାରେ ଗୋଟିଏ ଏବଂ ଦେବଗଡ ଜିଲା ବଡ଼କୁଦରଠାରେ ଗୋଟିଏ ଟୋଲଗେଟ୍ ସ୍ଥାପନ କରାଯାଇଛି। ସେହିପରି ୧୪୯ନଂ. ଜାତୀୟ ରାଜପଥର ଖମାରଠାରେ ଅନ୍ୟ ଏକ ଟୋଲଗେଟ୍ ବସାଯାଇଛି। ଏହି ୩ଟି ଟୋଲଗେଟ୍ ପାଲଲହଡ଼ା ଉପଖଣ୍ଡ ଠାରୁ ମାତ୍ର ୨୦ କି.ମି. ପରିଧି ମଧ୍ୟରେ ଆସୁଛି। ଫଳରେ ପାଲଲହଡ଼ାରୁ ପ୍ରତିଦିନ କେନ୍ଦୁଝର ଓ ଦେବଗଡ଼ ଜିଲାର ସୀମାନ୍ତବର୍ତ୍ତୀ ଗ୍ରାମକୁ ବ୍ୟବସାୟ ପାଇଁ ଯାଉଥିବା ବ୍ୟବସାୟୀଙ୍କୁ ୩ଟି ଟୋଲରେ ଟ୍ୟାକ୍ସ ଦେବା ବେଶ୍ ବାଧୁଛି। ଏପରି କି ପାଲଲହଡ଼ା ଉପଖଣ୍ଡ ମେଡିକାଲରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ଦୂରତା ୧୦୦ କି.ମି. ହୋଇଥିବାରୁ ଏଠାରୁ ରେଫର ହେଉଥିବା ରୋଗୀମାନେ ଏତେଦୂର ଯାଇ ନ ପାରି ନିକଟସ୍ଥ ଦେବଗଡ଼ ଓ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ଯିବାକୁ ଚାହିଁଲେ ଟୋଲ ଟ୍ୟାକ୍ସ ସେମାନଙ୍କ ଆର୍ଥିକ ବୋଝକୁ ଅଧିକ ବଢ଼ାଇ ଦେଉଛି। ଅନ୍ୟପଟେ ଖମାରଠାରେ ନିର୍ମିତ ଟୋଲଗେଟ୍ ଉପଖଣ୍ଡ ଭିତରେ ଚଳପ୍ରଚଳ କରୁଥିବା ଲୋକଙ୍କ ଭିତରେ ଅସନ୍ତୋଷ ବଢ଼ାଇ ଦେଇଛି। ୨୦୨୦ ମସିହାରେ ପାଲଲହଡାର ତତ୍କାଳୀନ ଉପଜିଲାପାଳ ଅଜିତ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏବଂ ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ ଓ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଏକ ବୈଠକ ବସି ଏହାର ସମାଧାନ ପନ୍ଥା ବାହାର କରାଯାଇଥିଲା।

### ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦିଅନ୍ତୁ



ଦୈନିକ ବିଭିନ୍ନ କାର୍ଯ୍ୟରେ ସୀମାବର୍ତ୍ତୀ ଅଞ୍ଚଳକୁ ଯିବାକୁ ପଡୁଛି। କିନ୍ତୁ ୨୦ କି.ମି. ମଧ୍ୟରେ ୩ଟି ଟୋଲଗେଟ ଥିବାରୁ ଚାରିଚକିଆ ଗାଡିରେ ଗଲେ ବାରମ୍ବାର ଟ୍ୟାକ୍ସ ଦେବାକୁ ପଡୁଛି। ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।

-ଦିଲୀପ କୁମାର ଉଦାବଳ, ପାଲଲହଡ଼ା

### ଅଧିକାରୀଙ୍କ ସହ ଆଲୋଚନା କରାଯିବ



ଏହା କେନ୍ଦ୍ର ସରକାରଙ୍କ ଅଧୀନ କାର୍ଯ୍ୟ। ତଥାପି ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହ ଆଲୋଚନା କରାଯିବ। ସମସ୍ୟାର ସମାଧାନ ପାଇଁ ଉଦ୍ୟମ ହେବ।

-ସୁଶାନ୍ତ କୁମାର ପତି, ଉପଜିଲାପାଳ, ପାଲଲହଡ଼ା

### ବୈଠକ ଡକାଯାଇ ସମାଧାନ କରାଯିବ



ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଏବଂ ଉପଖଣ୍ଡ ପ୍ରଶାସନକୁ ନେଇ ଏକ ବୈଠକ କରି ସମସ୍ୟାର ସମାଧାନ କରାଯିବ। ଏହାପରେ ରାଜପଥ କର୍ତ୍ତୃପକ୍ଷ କିମ୍ବା ଠିକା ସଂସ୍ଥା ମନମାନି କଲେ ଟୋଲଗେଟ୍ ସମ୍ମୁଖରେ ଆନ୍ଦୋଳନ କରାଯିବ।

- ମୁକେଶ କୁମାର ପାଲ, ବିଧାୟକ, ପାଲଲହଡ଼ା

ଏହି ୨୦ କି.ମି. ମଧ୍ୟରେ ଆସୁଥିବା ସମସ୍ତ ଘରୋଇ ନମ୍ବର ପଞ୍ଜୀକୃତ ଗାଡ଼ିକୁ ଟୋଲ ଟ୍ୟାକ୍ସ ଛାଡ଼ କରାଯାଇଥିବା ବେଳେ ପବ୍ଲିକ ଟ୍ରାନ୍ସପୋର୍ଟ ଉପରେ କିଛିଟା ଦେୟ କୋହଳ କରାଯାଇଥିଲା। କିଛିମାସ ଏହା ଠିକ୍‌ଠାକ ଚାଲିଥିଲା। ହେଲେ ଟୋଲ ଆଦାୟକାରୀ ସଂସ୍ଥା ପରିବର୍ତ୍ତନ ହେବାପରଠାରୁ ପୂର୍ବ ବୈଠକର ନିଷ୍ପତ୍ତି କାର୍ଯ୍ୟକାରୀ କରାଯାଉ ନାହିଁ। ଗୋଟିଏ ଟୋଲଗେଟ ଠାରୁ ଅନ୍ୟଟିର ବ୍ୟବଧାନ ୬୦ କି.ମି. ରହିବ ବୋଲି ନିୟମ ଥିବାବେଳେ ପାଲଲହଡ଼ା ଉପଖଣ୍ଡ ଠାରୁ ମାତ୍ର ୨୦ କି.ମି. ପରିଧି ମଧ୍ୟରେ ୩ଟି ଟୋଲ ପଡୁଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଜାତୀୟ ରାଜପଥ ପ୍ରାଧିକରଣ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ଏ ସମ୍ପର୍କରେ ମତାମତ ମିଳିପାରି ନାହିଁ।

## ବଣ୍ଟାରପାଳରେ ନୂତନ ତହସିଲଦାର

ବଣ୍ଟାରପାଳ, ୨୯।୯ (ଉପେନ୍ଦ୍ର ରାଉତ)

ବଣ୍ଟାରପାଳ ତହସିଲଦାର ଭାବେ ସୁଶାନ୍ତ ମିଶ୍ର ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବରୁ ହିନ୍ଦୋଳ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଜନସାଧାରଣଙ୍କ ଜମିଜମା ସମସ୍ୟା ଓ ଲୋକଙ୍କ ଜନଶୁଣାଣି ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ସୁଶାନ୍ତ ପ୍ରକାଶ କରିଛନ୍ତି। ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ, ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଓ ଆର୍‌ଆଇ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

## ଅବକାରୀ ଚଢ଼ାଉ, ୩ ଗିରଫ

ବଇଣ୍ଡା, ୨୯।୯ (ପରିକ୍ଷିତ ସାହୁ)

ଆଠମଲ୍ଲିକ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଆଠମଲ୍ଲିକ ଥାନାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ଚୋରା ଦେଶୀ ମହୁଲି ମଦ ଜବତ କରାଯାଇଛି। ଏହି ଘଟଣାରେ ଆଠମଲ୍ଲିକ ଥାନା ବିଜିପୁର ଗ୍ରାମର ପ୍ରଶାନ୍ତ ନାୟକ, ଜହ୍ନମୁଣ୍ଡା ଗ୍ରାମର ରମେଶ ଦେହୁରୀ, ମିଟୁ ଗୁରୁଙ୍କୁ ଗିରଫ କରାଯାଇଛି। ସେମାନେ ଘରେ ଚୋରାରେ ମଦ ବିକ୍ରି କରୁଥିବା ଖବରପାଇ ଆଠମଲ୍ଲିକ ଅବକାରୀ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ ଚଢ଼ାଉ କରିଥିଲେ।

# ୧୩୦ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ

କଣିହାଁ, ୨୯।୯ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ପବିତ୍ରମୋହନ ସଭାଗୃହରେ ଶୁକ୍ରବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ, ବ୍ଲକ ଅଧ୍ୟକ୍ଷ ରାମକୃଷ୍ଣ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ନିର୍ମଳ ସାହୁ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ବ୍ଲକର ପାଲଲହଡ଼ା ନିର୍ବାଚନ ମଣ୍ଡଳୀରେ ଥିବା ୧୯ଟି ପଞ୍ଚାୟତର ମଧୁବାବୁ ପେନ୍‌ସନ ଯୋଜନାରେ ମଞ୍ଜୁର ହୋଇଥିବା ୨୧୨ ଜଣ ହିତାଧିକାରୀଙ୍କ ମଧ୍ୟରୁ ଉପସ୍ଥିତ ଥିବା ୧୩୦ ଜଣଙ୍କୁ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗଙ୍କୁ ଅତିଥିଙ୍କ ଦ୍ୱାରା ଭତ୍ତା ପ୍ରଦାନ କରାଯାଇଥିଲା।


ଜଣେ ହିତାଧିକାରୀ ଅତିଥିଙ୍କଠାରୁ ଭତ୍ତା ଗ୍ରହଣ କରୁଛନ୍ତି।

ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁହାଶିନୀ ପ୍ରଧାନ, କାର୍ଯ୍ୟକ୍ରମ ସହାୟକ ବୁଲୁ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ରହିଥିଲେ।

## ବିଦ୍ୟୁତ୍ ବିଭ୍ରାଟ ନେଇ ଅସନ୍ତୋଷ

ଆଠମଲ୍ଲିକ, ୨୯।୯ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ଅଞ୍ଚଳରେ କିଛି ଦିନ ହେଲା ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଥିବାରୁ ଉପଭୋକ୍ତା ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଗୋଟିଏ ଦିନରେ ଏକାଧିକ ଥର ବିଦ୍ୟୁତ୍ ଯାଉଥିବାରୁ ମୁଢ଼ି ମିଲ, ଧାନ ମିଲ, ଜେରକ୍ସ ଦୋକାନ, ଜନସେବା କେନ୍ଦ୍ର ଆଦିରେ ବ୍ୟବସାୟ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି। ସେହିପରି ଗ୍ରାମାଞ୍ଚଳ ଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ସବୁଠି ପାନୀୟ ଜଳ ଯୋଗାଣ ବ୍ୟାହତ ହେଉଛି। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବିଦ୍ୟୁତ୍ ସରବରାହ ଠିକ୍ ରଖିବାକୁ ଉପଭୋକ୍ତା ମହଲରେ ଦାବି ହେଉଛି। ଏ ସମ୍ପର୍କରେ ବିଭାଗୀୟ ଅଭିଯୋଗ ପ୍ରକୋଷ୍ଠ ପକ୍ଷରୁ କୁହାଯାଇଛି, ୧୧ କେଭି ଲାଇନରେ ଅସୁବିଧା ହେଉଥିବାରୁ ବିଭ୍ରାଟ ଦେଖାଦେଉଛି।

# ଡ୍ରେନ୍ ନିର୍ମାଣ ସରୁନି, ଚିନ୍ତାରେ ଗ୍ରାମବାସୀ

ବଇଣ୍ଡା, ୨୯।୯ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡା ଛକ, କଦଳୀମୁଣ୍ଡା, ନନ୍ଦମୁଣ୍ଡା, ଶରଧାମୁଣ୍ଡା ଅଞ୍ଚଳରେ ଡ୍ରେନ୍ କାର୍ଯ୍ୟ ସରୁନାହିଁ। ଠିକାସଂସ୍ଥା ପକ୍ଷରୁ କାମ ସମାପ୍ତ କରାଯାଉ ନ ଥିବାରୁ ଏହାକୁ ନେଇ ଗ୍ରାମବାସୀ ଚିନ୍ତାରେ ପଡ଼ିଛନ୍ତି। ବାରମ୍ବାର ବଇଣ୍ଡା ଗ୍ରାମବାସୀ ରାସ୍ତା କାମ କରୁଥିବା ଠିକାସଂସ୍ଥାକୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ନେଇ ଶୁକ୍ରବାର କଦଳୀମୁଣ୍ଡା ଗ୍ରାମବାସୀ ଅନୁଗୋଳ ଜିଲାପାଳଙ୍କୁ ଏକ ଅଭିଯୋଗପତ୍ର ମାଧ୍ୟମରେ ଅବଗତ କରାଇଛନ୍ତି।

ଗ୍ରାମବାସୀ କହିଛନ୍ତି, ୨୦୨୦ ମସିହାରୁ ବଇଣ୍ଡା ଅଞ୍ଚଳରେ ଡ୍ରେନ୍ କାମ ଆରମ୍ଭ କରାଯାଇଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇପାରୁନାହିଁ। ଅନେକ ଅଞ୍ଚଳରେ କାମ ଅଧାପନ୍ତରିଆ ରହିଛି। ରାସ୍ତା ପାର୍ଶ୍ୱ ଖୋଳାଯାଇଥିବାରୁ ଅନେକ ଲୋକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ବିଦ୍ୟାଳୟକୁ ମଧ୍ୟ ଯିବା ଆସିବା ପାଇଁ ଛାତ୍ରୀଛାତ୍ରମାନେ ହଇରାଣ ହେଉଛନ୍ତି। ଠିକାସଂସ୍ଥାର କର୍ମଚାରୀମାନେ ଠିକ୍ ଭାବେ କାମ କରୁ ନ ଥିବା ଶରଧାମୁଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିପରି ଡ୍ରେନ୍ କାର୍ଯ୍ୟ ନିମ୍ନମାନର ହେଉଥିବା ବଇଣ୍ଡା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଅନୁଗୋଳ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ଗ୍ରହଣ କରିବା ପାଇଁ ସାଧାରଣରେ ଦାବି ହୋଇଛି। ଏ ନେଇ ଠିକାସଂସ୍ଥା ପରିଚାଳକ ଜିତେନ୍ଦ୍ର ବେହେରା କହିଛନ୍ତି, ବଳକା ଥିବା ଡ୍ରେନ୍ କାର୍ଯ୍ୟ ସମାପ୍ତ କରାଯିବ।



# ବାମଦେବଙ୍କୁ ଉତ୍କଳ ଦଣ୍ଡକଳା ରତ୍ନ ସମ୍ମାନ

ବଣ୍ଟାରପାଳ, ୨୯।୯ (ଉପେନ୍ଦ୍ର ରାଉତ)

କୁମାର କବି ଫାଉଣ୍ଡେସନ ଓ ଓଡ଼ିଶା ସାହିତ୍ୟ ଏକାଡେମୀ ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ ପକ୍ଷରୁ ଅନୁଗୋଳ ଜିଲା ବଣ୍ଟାରପାଳ ବ୍ଲକ କୁଲାଡ଼ ଗ୍ରାମର ବାମଦେବ ସେଠଙ୍କୁ ଶ୍ରେଷ୍ଠ 'ଦଣ୍ଡକଳା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଇଛି। ପୁରୀଠାରେ ଆୟୋଜିତ ତ୍ରୟୋଦଶ ରାଜ୍ୟସ୍ତରୀୟ କୁମାର କବି ଅରକ୍ଷିତ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଦଣ୍ଡପ୍ରତି ଥିବା ଅବଦାନ ଓ ନିଖୁଣ ଅଭିନୟ ପାଇଁ ତାଙ୍କୁ ଉତ୍କଳ ଦଣ୍ଡକଳା ରତ୍ନରେ ସମ୍ମାନିତ କରାଯାଇଛି।



ବାମଦେବ ସେଠଙ୍କୁ ଶ୍ରେଷ୍ଠ 'ଦଣ୍ଡକଳା ରତ୍ନ' ସମ୍ମାନରେ ସମ୍ମାନିତ କରାଯାଉଛି।

# ସଚେତନ ହେଲେ ମାତାପିତା

ତାଳଚେର, ୨୯।୯ (ମନୋଜ ନନ୍ଦ)

ତାଳଚେର ବ୍ଲକ ପଦ୍ମାବତୀପୁର ପଞ୍ଚାୟତ କନ୍ଧବେରେଣୀ ଆଶ୍ରମ ବିଦ୍ୟାଳୟ ପରିସରରେ ମାତାପିତା ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସଂଖ୍ୟାଲଘୁ ଓ ପଛୁଆ ବର୍ଗ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନାରାୟଣ ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ତାଳଚେର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଚିନ୍ମୟୀ ଚେତନା ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ମା' ହିଙ୍ଗୁଳା ପାଠାଗାର ସମ୍ପାଦକ ବିଭୂତି ଭୂଷଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ତାଳଚେର ଗୋଷ୍ଠୀ ଶିକ୍ଷା ଅଧିକାରୀ ଖଗେଶ୍ୱର ବେହେରା, ବ୍ଲକ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ, ପଦ୍ମାବତୀପୁର ସରପଞ୍ଚ ମହର୍ଗା ବେହେରା ଓ ସମିତି ସଭ୍ୟ ଲକ୍ଷ୍ମଣ ବେହେରା ପ୍ରମୁଖ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ। ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ଜିଲା ମଙ୍ଗଳ ଅଧିକାରୀ ଦିଲୀପ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ପରିଡ଼ା ଓ ବିଦ୍ୟାଳୟ ପରିଚାଳନା ସମିତି ଭାପତି ମଦନ ନାଏକ ପ୍ରମୁଖ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ପ୍ରଧାନଶିକ୍ଷକ ନାରାୟଣ ସାହୁ ପରିଚାଳନା କରିଥିବା ବେଳେ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ଧଳ ଧନ୍ୟବାଦ ଅର୍ପଣ କରିଥିଲେ। ତାଳଚେର ସହକାରୀ ଉଦ୍ୟାନ କୃଷି ଅଧିକାରୀ ଐଶ୍ୱର୍ଯ୍ୟା ସାହୁ, ମିଶନ ଶକ୍ତିର ବ୍ଲକ ପ୍ରକଳ୍ପ ପରିଚାଳିକା ମାନସୀ ରାଉତ, ବ୍ଲକ ସହକାରୀ କୃଷି ଅଧିକାରୀ ଅବିନାଶ ନାହାକ, ସମନ୍ୱିତ ଶିଶୁ ବିକାଶ ପରିଚାଳନା ବିଭାଗର ମୁଖ୍ୟ ପରିଦର୍ଶିକା ଜ୍ୟୋତ୍ସ୍ନାରାଣୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଲକ୍ଷ୍ମୀଧର ବେହେରା, ଘନଶ୍ୟାମ ସାହୁ, କନକ କିଷାନ, ଦେବକୀ ପାତ୍ର, ମଞ୍ଜୁ ସାହୁ, ସୁରବାଲି




# ଜୀବନଶୈଳୀରେ ବୈଜ୍ଞାନିକତା ବିଷୟରେ ଆଲୋଚନା

ଅନୁଗୋଳ, ୨୯।୯ (ଅମିତ କୁମାର ସାମଲ)

ଅନୁଗୋଳ ଗାନ୍ଧୀମାର୍ଗସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବିଦ୍ୱତ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ କ୍ଷୀରେନ୍ଦ୍ର ମୋହନ ଦେହୁରୀ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷୟିତ୍ରୀ ସରୋଜିନୀ ହୋତା ମୁଖ୍ୟବକ୍ତା, ଅନ୍ୟତମ ଅତିଥି ଭାବେ ସଂକୁଳ ବିଦ୍ୱତ ପରିଷଦ ସଭାପତି ଡ.ସଦାଶିବ ପରିଡ଼ା ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ବୈଠକର ଉଦ୍ଦେଶ୍ୟ ସହିତ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ସମ୍ପାଦକ ଧନେଶ୍ୱର ନାଏକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବୈଠକରେ ଅନୁଗୋଳର ବୁଦ୍ଧିଜୀବୀମାନେ ଯୋଗଦେଇ ହିନ୍ଦୁ ଜୀବନଶୈଳୀରେ ବୈଜ୍ଞାନିକତା ବିଷୟରେ ଆଲୋଚନା କରିଥିଲେ। ବିଦ୍ୱତ ପରିଷଦ ପ୍ରମୁଖ ପ୍ରଶାନ୍ତ କୁମାର ନାଥ ଧନ୍ୟବାଦ ଦେଇଥିଲେ।


ବୈଠକରେ ମଞ୍ଚାସୀନ ଅତିଥିମାନେ।

# ମିଶନ ଶକ୍ତି ମହିଳାଙ୍କୁ ମିଳିଲା ସ୍କୁଟି

ଛେଣ୍ଡିପଦା, ୨୯।୯ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ପରିସରରେ ଶୁକ୍ରବାର ଓଡ଼ିଶା ଜୀବିକା ମିଶନ ପକ୍ଷରୁ ମୋ ସ୍କୁଟି ଯୋଜନାରେ ୧୯ ଜଣ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ଯୋଗାଇ ଦିଆଯାଇଛି। ରାଜ୍ୟର ମିଶନ ଶକ୍ତି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସରକାରଙ୍କ ତରଫରୁ 'ମୋ ସ୍କୁଟି ଯୋଜନା' ମାଧ୍ୟମରେ ସାମିଲ କରି ସ୍କୁଟି ଯୋଗାଇ ଦେବାକୁ ସ୍ଥିର କରାଯାଇଛି। ଛେଣ୍ଡିପଦା ବ୍ଲକରେ ଏହି ଯୋଜନାର ଲୋକାର୍ପଣ ହୋଇଯାଇଛି। ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରମୋଦ କୁମାର ବେହେରାଙ୍କ ନେତୃତ୍ୱରେ ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିବିକ୍ରମ କୁମରା ଓ ୟୁକୋ ବ୍ୟାଙ୍କ ଅଧିକାରୀ ଯୋଗ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ଚାବି ପ୍ରଦାନ କରିବା ସହିତ ପତାକା ଦେଖାଇ ଲୋକାର୍ପଣ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୧୯ ସ୍କୁଟି ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅନ୍ୟ ସଦସ୍ୟାଙ୍କୁ ସ୍କୁଟି ପ୍ରଦାନ କରାଯିବ ବୋଲି ଓଡ଼ିଶା ଜୀବିକା ମିଶନର ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରମୋଦ କୁମାର ବେହେରା ପ୍ରକାଶ କରିଛନ୍ତି।



ଛେଣ୍ଡିପଦା ବ୍ଲକ ପରିସରରେ ମୋ ସ୍କୁଟି ଯୋଜନାରେ ୧୯ ଜଣ ମିଶନ ଶକ୍ତି ମହିଳାଙ୍କୁ ସ୍କୁଟି ଯୋଗାଇ ଦିଆଯାଉଛି।

# କିଶୋରୀ କିଶୋରଙ୍କୁ ସଶକ୍ତ କରିବାକୁ ନିଷ୍ପତ୍ତି

ଅନୁଗୋଳ, ୨୯।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଶିଶୁଙ୍କ ପାଇଁ ଦିନଟିଏ ଓ ଜିଲା ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଜିଲା ପ୍ରଶାସନ ଦ୍ୱାରା ଗତ ୩ ମାସ ମଧ୍ୟରେ ହୋଇଥିବା ବିଭିନ୍ନ ପ୍ରକାର ଶିଶୁ ସୁରକ୍ଷା କାର୍ଯ୍ୟକ୍ରମର ପ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲାରେ ଶିଶୁମାନଙ୍କୁ ପ୍ରଦାନ କରାଯାଇଥିବା ଆନୁଷ୍ଠାନିକ ଓ ଅଣଆନୁଷ୍ଠାନିକ ସେବା ଓ ଯତ୍ନ, ସହାୟତା, ପୋଷ୍ୟ ସନ୍ତାନ ଗ୍ରହଣ, ବିଜୁ ଶିଶୁ ସୁରକ୍ଷା ଯୋଜନା, ବେଟୀ ବଚାଓ ବେଟୀ ପଢାଓ ଆଦି କାର୍ଯ୍ୟକ୍ରମ ଉପରେ ଆଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

ବୈଠକରେ 'ଆକ୍ସନ ଏଡ୍'ର ଜିଲା ସଂଯୋଜକ ସନ୍ତୋଷ କୁମାର ବେହେରା ଯୋଗଦେଇ ବାଲ୍ୟବିବାହ ନିରାକରଣ ଓ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରାଇବା କ୍ଷେତ୍ରରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଉପରେ ଆଲୋକପାତ କରିଥିଲେ। ଜିଲାରେ ଶିଶୁ ସୁରକ୍ଷା, କିଶୋରୀ ସଶକ୍ତୀକରଣ ତଥା ବାଲ୍ୟ ବିବାହ ବନ୍ଦ କାର୍ଯ୍ୟକ୍ରମକୁ ଏକ ଅଭିଯାନ ଭିତ୍ତିରେ ଆଗକୁ ନେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି ଅଭିଯାନର ନାମ 'ମୋ ଗାଁ ରେବତୀ' ରଖାଯାଇଥିଲା। ଏହାପରେ ସଖୀ - ୱାନ ଷ୍ଟପ ସେଣ୍ଟର ପରିଚାଳିକା ସୁଦୀପ୍ତ ବେହେରା ବିଭିନ୍ନ ସେବା ବିଷୟରେ କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଗୌରୀ ଶଙ୍କର ବେହେରା ପରିଚାଳନା କରିଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଜିଲା ସମାଜ ମଙ୍ଗଳ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


'ଶିଶୁଙ୍କ ପାଇଁ ଦିନଟିଏ' ଓ ଜିଲା ଟାସ୍କ ଫୋର୍ସ ବୈଠକରେ ଉପସ୍ଥିତ ଅଧିକାରୀମାନେ।








# ଭସାଣିରେ ଦୁଲୁକିଲା ତାଳଚେର ସହର

ତାଳଚେର,୨୯।୯(ମନୋଜ ନନ୍ଦ)

ତାଳଚେରର ଗଣପର୍ବ ଗଣେଶ ପୂଜାର ଅନ୍ତିମ ପର୍ବ ଭସାଣି ଉତ୍ସବ ଶୁକ୍ରବାର ମହାସମାରୋହରେ ପାଳନ କରାଯାଇଛି। ଯେଉଁ ବ୍ରାହ୍ମଣୀ ନଦୀରୁ କଳସରେ ଜଳ ଅଣାଯାଇ ଗଣପତିଙ୍କ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା, ସେହି ବ୍ରାହ୍ମଣୀ ନଦୀର ଅସ୍ଥାୟୀ ପୋଖରୀରେ ଅଗ୍ରପୂଜ୍ୟଙ୍କୁ ବିସର୍ଜନ କରାଯାଇଛି। ଘଣ୍ଟ, ଶଙ୍ଖ, ବାଦ୍ୟ, ସଙ୍ଗୀତ ସହିତ ରାଜ୍ୟ ତଥା ରାଜ୍ୟ ବାହାରରୁ ବିଭିନ୍ନ ସାଂସ୍କୃତିକ ଦଳଙ୍କ ସମାଗମରେ ତାଳଚେର ସହର ଦୁଲୁକି ଉଠିଥିଲା।

ଭସାଣି ଉତ୍ସବ ପାଇଁ ପୂର୍ବାହ୍ନରେ ତାଳଚେର ବଡ଼ଦାଣ୍ଡସ୍ଥିତ ମେଲଣ ପଡିଆଠାରେ ଏକ ସଭାର ଆୟୋଜନ ହୋଇଥିଲା। କେନ୍ଦ୍ରୀୟ ପୂଜା କମିଟି ସଭାପତି ତଥା ଉପଜିଲାପାଳ ମନୋଜ କୁମାର ତ୍ରିପାଠୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଏସ୍‌ଡିପିଓ ମାନସ କୁମାର ବାରିକ, ସାଧାରଣ ସମ୍ପାଦକ ଦିଲୀପ ପାଣି, ଡ. ରଶ୍ମିରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ରଞ୍ଜିତ ମହାପାତ୍ର, ଦେବୀ ମିଶ୍ର, ପ୍ରକାଶ ମହାରଣା, କେଶବ ଭୂତିଆ, ସୌଭାଗ୍ୟ ମହାରଣାଙ୍କ ସମେତ କେନ୍ଦ୍ରୀୟ ପୂଜା କମିଟି ସଦସ୍ୟ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଅତିଥିମାନଙ୍କ ଦ୍ୱାରା ଗଣପତିଙ୍କୁ ପୂଜାର୍ଚ୍ଚନା ଓ ଦୀପ ପ୍ରଜ୍ୱଳନ ପରେ ଭସାଣି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। କ୍ରମିକ ସଂଖ୍ୟା ଅନୁଯାୟୀ ମେଢ଼ଗୁଡିକ ସହର ପରିକ୍ରମା କରି ବ୍ରାହ୍ମଣୀ ନଦୀର ଅସ୍ଥାୟୀ ଜଳାଶୟକୁ ବିସର୍ଜନ ପାଇଁ ଯାଇଥିଲେ। ତାମିଲନାଡୁ, ଆସାମ, ରାଜସ୍ଥାନ, ପଶ୍ଚିମବଙ୍ଗ ସମେତ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକକଳା, ଲୋକନୃତ୍ୟ ଦଳର କାର୍ଯ୍ୟକ୍ରମ ଭସାଣିକୁ ଅତ୍ୟନ୍ତ ଆକର୍ଷଣୀୟ କରିଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୧୨ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସେହିପରି ଭସାଣି ପୂର୍ବ କାର୍ଯ୍ୟକ୍ରମ ତଥା ଗୁରୁବାର ସନ୍ଧ୍ୟାରେ ଗଣେଶଙ୍କ ଆଞ୍ଚାଲଡୁ ନିଲାମ କରାଯାଇଥିଲା। ଲାଲବାଗ ରାଜା ସର୍ବାଧିକ ୨୨ ଲକ୍ଷ ୨୨ ହଜାର ୨୨୨ ଟଙ୍କାରେ ୩୧ କୁଇଣ୍ଟାଲ ୬୦ କେଜିର ଲଡୁକୁ ନିଲାମ ନେଇଥିଲା। ଉପସ୍ଥିତ ଅତିଥିମାନେ ଆଞ୍ଚାମାଳ, ଲଡୁ ସହ ୧ କେଜି ଓଜନର ରୁପା ଗଣେଶ ମୂର୍ତ୍ତି ନିଲାମଧାରୀଙ୍କୁ ପ୍ରଦାନ କରିଥିଲେ।





ତାଳଚେରର ଗଣପର୍ବ ଗଣେଶ ପୂଜା ଅବସରରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରା ବେଳେ ରାଜ୍ୟ ବାହାରୁ ଆସିଥିବା ବିଭିନ୍ନ କଳାକାର ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

## ଦାୟିତ୍ୱ ନେଲେ ନୂଆ ସିଡିଏମ୍‌ଓ

ଅନୁଗୋଳ,୨୯।୯
(ଅମିତ ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟର ନୂତନ ସିଡିଏମ୍‌ଓ ଭାବେ ଡାକ୍ତର ଶିବାନନ୍ଦ ମହାନ୍ତି ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ପୂର୍ବତନ ସିଡିଏମ୍‌ଓ ଡାକ୍ତର ତ୍ରିଲୋଚନ ପ୍ରଧାନଙ୍କ ନିକଟରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲାରେ କିଭଳି ଲୋକଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ ସେ ନେଇ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ଶିବାନନ୍ଦ ପ୍ରକାଶ କରିଛନ୍ତି। ଏଥିସହ ମେଡିକାଲରେ ବିଭିନ୍ନ ସମୟରେ ସୁରକ୍ଷା ସଂସ୍ଥାକୁ ନେଇ ଉଠୁଥିବା ବିବାଦ ସମ୍ପର୍କରେ ସେ କର୍ମଚାରୀ, ଠିକା ସଂସ୍ଥା ଓ ସୁରକ୍ଷାକର୍ମୀ ଅଧିକାରୀଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।



ଅନୁଗୋଳର ନୂଆ ଓ ବିଦାୟୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ସୁରକ୍ଷିତ ଗର୍ଭପାତ ଉପରେ ଆଲୋକପାତ



ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳନ ଅବସରରେ ଉପସ୍ଥିତ ଅଧିକାରୀ ଓ ଅନ୍ୟମାନେ।

ଅନୁଗୋଳ, ୨୯।୯ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନ୍ତର୍ଜାତୀୟ ନିରାପଦ ଗର୍ଭପାତ ଦିବସ ପାଳିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରିଲୋଚନ ପ୍ରଧାନ ଏହି ବୈଠକରେ ଯୋଗଦେଇ ସୁରକ୍ଷିତ ଗର୍ଭପାତ କରାଯିବାର ଉପଯୁକ୍ତ ସମୟ ଓ ବିଧି ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୂର୍ଣ୍ଣିମା ଉଦ୍‌ଗାତା ସୁରକ୍ଷିତ ଓ ଆଇନଗତ ଗର୍ଭପାତ ସେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ଅନୁମୋଦିତ ସ୍ୱାସ୍ଥ୍ୟକେନ୍ଦ୍ରରେ ଗର୍ଭପାତ କରାଇବାକୁ ପରାମର୍ଶ ଦେଇଥିଲେ। ଏଥିରେ ଡାକ୍ତର ବିନୋଦ ସାହୁ, ସୂର୍ଯ୍ୟ ପ୍ରତାପ ମାନସିଂହ ପ୍ରମୁଖ ଯୋଗଦେଇ ନିରାପଦ ଗର୍ଭପାତ ଦିବସ ପାଳନ କରିବାର ତାତ୍ପର୍ଯ୍ୟ ଓ ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। କାର୍ଯ୍ୟକ୍ରମରେ ଆଶା, ନର୍ସିଂ ଛାତ୍ରୀ, ପାରାମେଡିକାଲ କର୍ମଚାରୀ, ବିଭାଗୀୟ କର୍ମଚାରୀ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ ସଂଯୋଜନା କରିଥିଲେ।

## ପାଇକସାହି ପଞ୍ଚାୟତ ଘେରାଉ

ବଇଣ୍ଡା,୨୯।୯(ପରିକ୍ଷିତ ସାହୁ)

ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧରେ ଆଠମଲ୍ଲିକ ବ୍ଲକ ପାଇକ ସାହି ଗ୍ରାମର ଶତାଧିକ ଭାଜପା କର୍ମୀ ଶୁକ୍ରବାର ପାଇକସାହି ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ କରିଥିଲେ। ମୁଖ୍ୟ ଅତିଥି ଭାବେ ଅନୁଗୋଳ ଜିଲା ଭାଜପା ସାଧାରଣ ସମ୍ପାଦକ ଭବାନୀ ପ୍ରସାଦ ଜ୍ୟୋତିଷରାୟ ଯୋଗଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ରବି ରାଜହଂସ, ଗୋଲେଖ ସାହୁ, ଯୋଗେଶ୍ୱର ପ୍ରଧାନ, ରବୀନ୍ଦ୍ର ସାହୁ, ପାଇକସାହି ଶକ୍ତିକେନ୍ଦ୍ରର ଶତାଧିକ ମହିଳାଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଠାକୁରଗଡ଼ ମଣ୍ଡଳ ସଭାପତି, ଗଗନ ବାରିକ ସଂଯୋଜନା କରିଥିଲେ। ସରପଞ୍ଚ, ନିର୍ବାହୀ ଅଧିକାରୀ ଅନୁପସ୍ଥିତ ଥିବାରୁ ସୁଶାନ୍ତ ପ୍ରଧାନ ଓ ବୁଲବୁଲ ସିଂହ ଆନ୍ଦୋଳନକାରୀଙ୍କ ଦାବି ଦରଖାସ୍ତ ବ୍ଲକ କର୍ତ୍ତୃପକ୍ଷଙ୍କୁ ଆଠମଲ୍ଲିକରେ ପ୍ରଦାନ କରିଥିଲେ।



ଭାଜପା ପକ୍ଷରୁ ପାଇକସାହି ପଞ୍ଚାୟତ ଘେରାଉ କରାଯାଇଛି।

## ୧୫୧ ୟୁନିଟ୍ ରକ୍ତ ସଂଗ୍ରହ

ଅନୁଗୋଳ,୨୯।୯(ଅମିତ ସାମଲ)

ଅନୁଗୋଳ ପଞ୍ଚମହଲାସ୍ଥିତ ଆଦର୍ଶ ଇଞ୍ଜିନିୟରିଂ କଲେଜ ପରିସରରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ଗ୍ରୁପ୍ ଅଫ ଇନଷ୍ଟିଚ୍ୟୁଶନର ପ୍ରତିଷ୍ଠାତା ଡ. ମହେଶ ଚନ୍ଦ୍ର ଧଳ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ରାଜ୍ୟ ସରକାରଙ୍କ ବସୁଧା ଯୋଜନାର ରାଜ୍ୟ ଉପଦେଷ୍ଟା ଦୀନେଶ ପ୍ରଧାନ, ଅନୁଗୋଳ ନଗରପାଳ ଅକ୍ଷୟ କୁମାର ସାମନ୍ତ, ପୂର୍ବତନ ନଗରପାଳ ଶକ୍ତିପ୍ରସାଦ ପଟ୍ଟନାୟକ, ଭକ୍ତିପ୍ରସାଦ ଦାସ, ପୂର୍ଣ୍ଣଚନ୍ଦ୍ର ରାଉତ, ଅନୁଗୋଳ ମ୍ୟୁନିସିପାଲିଟିର କାଉନସିଲର ବଳରାମ ଜେନା, ଶଙ୍କର ସେଠୀ, ଚୁନି ପ୍ରଧାନ, ସୂର୍ଯ୍ୟସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଗୋଳ ରକ୍ତ ଭଣ୍ଡାରର କର୍ମଚାରୀମାନେ ପରିଚାଳନା କରିଥିଲେ। ଏଥିରେ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଆଦର୍ଶ ଇଞ୍ଜିନିୟରିଂ କଲେଜର ଛାତ୍ରୀଛାତ୍ର, କର୍ମଚାରୀ ସହଯୋଗ କରିଥିଲେ।



ଆଦର୍ଶ ଇଞ୍ଜିନିୟରିଂ କଲେଜ ପରିସରରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ଉପସ୍ଥିତ ଅତିଥିମାନେ ରକ୍ତଦାତାଙ୍କୁ ଉତ୍ସାହିତ କରୁଛନ୍ତି।

## ୨୫ରେ ଦୁର୍ଗାପୂଜା, ୮ରେ ଲକ୍ଷ୍ମୀପୂଜା ଭସାଣି

ଅନୁଗୋଳ,୨୯।୯(ଅମିତ ସାମଲ)

■ଡିଜେ ଉପରେ ପ୍ରଶାସନର କଟକଣା
■ଆତସବାଜି ପ୍ରତିଯୋଗିତା ନେଇ ଝୁଲିଲା ନିଷ୍ପତ୍ତି

ଅନୁଗୋଳ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ଶୁକ୍ରବାର ଦୁର୍ଗା ଓ ଲକ୍ଷ୍ମୀ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ(ସାଧାରଣ) ପ୍ରତାପ ପ୍ରୀତିମୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଏସ୍‌ପି ବିକ୍ରମ କେଶରୀ ଭୋଇ, ଅନୁଗୋଳ ଉପଜିଲାପାଳ ବରେଣ୍ୟେନ୍ଦୁ ମହାନ୍ତି, ନଗରପାଳ ଅକ୍ଷୟ କୁମାର ସାମନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୦ରୁ ଦୁର୍ଗାପୂଜା ଅନୁଗୋଳର ୧୧ଟି ସ୍ଥାନରେ ଅନୁଷ୍ଠିତ ହେବ। ଏହି ପୂଜା ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ। ୨୫ରେ ଭସାଣି ଉତ୍ସବ ଆୟୋଜନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସେହିପରି ଆସନ୍ତା ୨୮ରେ ସହରର ୨୯ଟି ସ୍ଥାନରେ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ନଭେମ୍ବର ୭ରେ ପୂଜା ଶେଷ ହେବ। ୮ ତାରିଖରେ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ଭସାଣି ସମୟରେ ଡିଜେ ଉପରେ କଟକଣା ଲଗାଯିବା ସହ ଅସ୍ଥାୟୀ ପୋଖରୀରେ ମେଢ଼ ବିସର୍ଜନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଦୁର୍ଗାପୂଜାରେ ଆତସବାଜି ପ୍ରତିଯୋଗିତା ଉପରେ ନିଷ୍ପତ୍ତି ଚୂଡ଼ାନ୍ତ ହୋଇପାରି ନାହିଁ। ଡିଆଇସି ଛକ ଓ ହୁଲୁରିସିଂହା ପୂଜା କମିଟି ପକ୍ଷରୁ ଅନୁଗୋଳ ହାଇସ୍କୁଲ ପଡ଼ିଆରେ ଆତସବାଜି ପ୍ରତିଯୋଗିତା କରିବାକୁ ପ୍ରସ୍ତାବ ଦିଆଯାଇଥିଲା। କିନ୍ତୁ ପ୍ରଶାସନ ପାରିପାର୍ଶ୍ୱିକ ପରିସ୍ଥିତିକୁ ଅନୁଧ୍ୟାନ କରିବା ପରେ ଏହି ନିଷ୍ପତ୍ତି ନିଆଯିବ ବୋଲି ବୈଠକରେ କୁହାଯାଇଛି। ପୂଜା ମଣ୍ଡପ ଗୁଡ଼ିକରେ ଚଳିତବର୍ଷ ଉଚ୍ଛିଷ୍ଟ ପରିବର୍ତ୍ତେ ଶିଳ୍ପାନୁଷ୍ଠାନରୁ ବାହାରୁଥିବା ଇଣ୍ଡଷ୍ଟ୍ରିଆଲ ସ୍ଲାଗ ପଡ଼ିବ ବୋଲି ପୌରପାଳିକା ପକ୍ଷରୁ ନିର୍ବାହୀ ଅଧିକାରୀ ମଧୁସ୍ମିତା ବିଶି ପ୍ରସ୍ତାବ ରଖିଥିଲେ। ବୈଠକରେ ସହରର ପୂଜା ମଣ୍ଡପଗୁଡ଼ିର କର୍ମକର୍ତ୍ତାଙ୍କ ସହ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ନିୟମରେ ଖିଲାପ କଲେ ଉପଜିଲାପାଳ ଓ ସ୍ଥାନୀୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମଧ ପ୍ରଶାସନ ପକ୍ଷରୁ କୁହାଯାଇଛି।




ବୈଠକରେ ଉପସ୍ଥିତ ପ୍ରଶାସନିକ ଓ ପୋଲିସ ଅଧିକାରୀ।

# ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଅନିୟମିତତା ଅଭିଯୋଗ


ଖେଳାଳି ବିଶ୍ୱରଞ୍ଜନ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ଆସିଛନ୍ତି।

ଢେଙ୍କାନାଳ,୨୯।୯(ରତନ ନାୟାର)

ବଲାଙ୍ଗୀର ଠାରେ ଗତ ୨୫ ତାରିଖରେ ଅନୁଷ୍ଠିତ ହୋଇଥିବା ରାଜ୍ୟ ବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଢେଙ୍କାନାଳ ଦଳରେ ୧୭ବର୍ଷରୁ କମ୍ ବିଭାଗରେ ଚୟନ ହୋଇଥିବା ହିନ୍ଦୋଳ ଉଚ୍ଚ ବିଦ୍ୟାଳୟର ବିଶ୍ୱରଞ୍ଜନ ପାଳଙ୍କୁ ସୁଯୋଗ ଦିଆଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ବଦଳରେ ଜିଲାର ଅନ୍ୟ ଏକ ହାଇସ୍କୁଲର ଖେଳାଳିଙ୍କୁ ସୁଯୋଗ ଦିଆଯାଇଥିଲା, ଯିଏକି ୧୭ ବର୍ଷରୁ କମ୍ ଅଭ୍ୟାସ ସମୟରେ ଅଂଶଗ୍ରହଣ କରି ନ ଥିଲେ। ତେଣୁ ବିଶ୍ୱରଞ୍ଜନଙ୍କ ଜାଗାରେ ତାଙ୍କୁ କିଭଳି ସୁଯୋଗ ମିଳିଲା ଏହାକୁ ନେଇ ବିଶ୍ୱରଞ୍ଜନ, ତାଙ୍କ ଅଭିଭାବକ ପ୍ରଶ୍ନ ଉଠାଇଛନ୍ତି। ଏ ସଂକ୍ରାନ୍ତରେ ବିଶ୍ୱରଞ୍ଜନ ହିନ୍ଦୋଳ କ୍ରୀଡ଼ା ସଂଘ ନିକଟରେ ଅଭିଯୋଗ କରିବା ପରେ ସଂଘ ପକ୍ଷରୁ ସଭାପତି ସୌମିତ୍ର ରଞ୍ଜନ ବେହେରା ଓ ସମ୍ପାଦକ ସୁଶାନ୍ତ କୁମାର ନାୟକ ଲିଖିତ ଭାବରେ ଜିଲାପାଳ, ଜିଲା କ୍ରୀଡ଼ା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ଯେହେତୁ ଏହା ରାଜ୍ୟ ବିଦ୍ୟାଳୟ ପ୍ରତିଯୋଗିତା, ତେଣୁ ଢେଙ୍କାନାଳ ଜିଲା ପକ୍ଷରୁ ଏହି ପ୍ରତିଯୋଗିତାରେ ଖେଳାଳିମାନେ ଭାଗ ନେଇଥିଲେ। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀଙ୍କୁ ସମସ୍ତ ରିପୋର୍ଟ ମଗାଯାଇଛି। ରିପୋର୍ଟ ଆସିବା ପରେ ଘଟଣା ସ୍ପଷ୍ଟ ହୋଇପାରିବ।

# 'ପୋଷଣତତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ'


ଜିଲାସ୍ତରୀୟ ଷଷ୍ଠ ରାଷ୍ଟ୍ରୀୟ ପୋଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଜିଲାସ୍ତରୀୟ ଷଷ୍ଠ ରାଷ୍ଟ୍ରୀୟ ପୋଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସରୋଜ କୁମାର ସେଠୀ ଏଥିରେ ସଭାପତିତ୍ୱ କରି କହିଲେ ଯେ, ପୋଷଣତତ୍ତ୍ୱ ଜୀବନ ଧାରଣ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉପଯୁକ୍ତ ପୋଷଣଯୁକ୍ତ ଆହର ଗ୍ରହଣ କଲେ ସମସ୍ତେ ନିରୋଗୀ ଓ ଦୀର୍ଘାୟୁ ହୋଇପାରିବା। ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କ ସମ୍ପୂର୍ଣ୍ଣ ପୋଷଣ ପାଇଁ ଭିନ୍ନ ଭିନ୍ନ ଯୋଜନାମାନ ପ୍ରଣୟନ କରିଛନ୍ତି। ଏହିସବୁ ଯୋଜନାର ଲାଭ ଲୋକମାନେ ଉଠାଇବା ଆବଶ୍ୟକ। ଏହି କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦିଲୀପ କୁମାର ବିଶ୍ୱାଳ ଯୋଗଦେଇ ଠିକ୍ ପୋଷଣଯୁକ୍ତ ଖାଦ୍ୟ ଚୟନ କରିବା ଜରୁରୀ ବୋଲି ମତ ଦେଇଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ ମୀତା ଶର୍ମା ଯୋଗଦେଇ କେଉଁ ବୟସର ପିଲାମାନେ କଣ ଖାଇବା ଆବଶ୍ୟକ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହାସହ ବିଭିନ୍ନ ପ୍ରକାର ପୋଷଣଯୁକ୍ତ ଖାଦ୍ୟ ପ୍ରଦର୍ଶନ କରାଯାଇଥିଲା। ୟୁନିସେଫ୍ ଜିଲା ସଂଯୋଜିକା ଅଙ୍ଗୁରବାଳା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମିଶନଶକ୍ତି ଜିଲା ସଂଯୋଜିକା ଶେଫାଳି ସ୍ୱାଗତିକା ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସସ୍ମିତା ସାହୁ, ଜିଲା ସ୍ୱାସ୍ଥ୍ୟ ମିଶନ ପରିଚାଳିକା ସୋନାଲି ପ୍ରିୟଦର୍ଶିନୀଙ୍କ ସମେତ ଜିଲାର ଅଙ୍ଗନୱାଡ଼ି, ସୁପରଭାଇଜର ଓ ଆଶାକର୍ମୀ ଏବଂ ଅନ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

# ୪ ଗୁଡ୍ ସମରିଟାନ୍‌ଙ୍କୁ ପୁରସ୍କାର

ଢେଙ୍କାନାଳ, ୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲାର ବିଭିନ୍ନ ରାସ୍ତାରେ ଦୁର୍ଘଟଣାଗ୍ରସ୍ତ ଗୁରୁତରଙ୍କ ଜୀବନ ରକ୍ଷା କରିଥିବାରୁ ଶୁକ୍ରବାର ଜିଲା କାର୍ଯ୍ୟାଳୟରେ ଜିଲାପାଳ ସରୋଜ କୁମାର ସେଠୀ ଓ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ୪ଜଣ ଗୁଡ୍ ସମରିଟାନଙ୍କୁ ପୁରସ୍କୃତ କରିଛନ୍ତି। ସେମାନେ ହେଲେ ପରଜଙ୍ଗ ବ୍ଲକ ବାରିହାପୁର ଛକଠାରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ସୁବ୍ରତ କୁମାର ସାହୁ ଓ ବିକାଶ ବେହେରା ଏବଂ ୫୫ନଂ ଜାତୀୟ ରାଜପଥ ଅସନବାହାଲି ନିକଟସ୍ଥ ଟାଟାଷ୍ଟିଲ ମ୍ୟାଟେରିଆଲ ଗେଟ୍ ନିକଟରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ହେମନ୍ତ ସାହୁ, ପରଜଙ୍ଗ ବ୍ଲକ ଜଟିଆସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟଠାରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିଥିବା ପ୍ରେମାନନ୍ଦ ସାହୁ। ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ପ୍ରମାଣପତ୍ର ସହ ୨ ହଜାର ଟଙ୍କା ଲେଖାଏ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର ଉପସ୍ଥିତ ଥିଲେ। ଦୁର୍ଘଟଣା ସମୟରେ କୌଣସି ପ୍ରକାର ଆଶଙ୍କା ଓ ଭୟ ନ କରି ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରି ସେମାନଙ୍କ ଜୀବନ ରକ୍ଷା ପାଇଁ ଆଗେଇ ଆସିବାକୁ ଜିଲାପାଳ, ଏସ୍‌ପି ଓ ଆଞ୍ଚଳିକ ପରିବହନ ଅଧିକାରୀ ସମସ୍ତଙ୍କୁ ନିବେଦନ କରିଥିଲେ।


ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷାକରିଥିବା ଗୁଡ୍ ସମରିଟାନ୍‌ଙ୍କୁ ପୁରସ୍କୃତ କରାଯାଉଛି।

# କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ


ପ୍ରତିଯୋଗିତା ଉଦ୍‌ଘାଟନ ଦିବସରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୨୯।୯ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ଦାଣ୍ଡିମାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡିଆଠାରେ ଜିଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ ୩ ଦିନିଆ ଜିଲା ବିଦ୍ୟାଳୟ ସମୂହ ଖୋଖୋ, କବାଡି ଓ ଫୁଟ୍‌ବଲ୍ ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ୧୪ ଓ ୧୭ ବର୍ଷରୁ କମ୍ ବାଳିକା ବାଳକ ବିଭାଗର ଖୋଖୋ ଚମ୍ପିୟନଶିପ୍‌କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏମ୍‌ପି ମହେଶ ସାହୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି, ସମ୍ମାନିତ ଅତିଥି ଭାବେ ସଦର ବ୍ଲକ ଶିକ୍ଷା ଅଧିକାରୀ ବ୍ରହ୍ମାନନ୍ଦ ରାଉତ, ଓଡାପଡା ବ୍ଲକ ଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର କାଲୋ, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଜ୍ୟୋତିପ୍ରସାଦ ପରିଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ହୃଦାନନ୍ଦ ଦ୍ୱିବେଦୀ, ପରିଚାଳନା କମିଟି ସଦସ୍ୟ ଶେଖର ସେଠୀ ପ୍ରମୁଖ ଯୋଗ ଦେଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ବିନିତା ସେନାପତି ଅଧ୍ୟକ୍ଷତା କରିଥିଲେ। ଦାଣ୍ଡିମାଳ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମର କୁମାର ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ୮ଟି ବ୍ଲକର ୩୮୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଜିରାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶାରୀରିକ ଶିକ୍ଷା ଶିକ୍ଷକ ବିପିନି ବିହାରୀ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅନିଲ୍ ନନ୍ଦ, ଜୟନ୍ତୀ ବେହେରା, ରାମକୃଷ୍ଣ ବେହେରା, ସୁବ୍ରତ ମିଶ୍ର, ଜୀବନଜ୍ୟୋତି ବିଶ୍ୱାଳ, ଅଚ୍ୟୁତାନନ୍ଦ ସାହୁ, ପ୍ରଦୀପ ଦଳେଇ, ନବକିଶୋର ବେହେରା, ସରିତା ବିଶ୍ୱାଳ, ସରିତା ରାଉତ, ଲକ୍ଷ୍ମଣ ନାୟକ, ତ୍ରିଲୋଚନ ସାହୁ, ଦୁର୍ଯ୍ୟୋଧନ ପାଣି, ଉମାକାନ୍ତ ଦାସ, ସାଗର ରାଉତ, ନରେନ୍ଦ୍ର ଗୋଛାୟତ ଓ ସ୍ୱର୍ଣ୍ଣାଞ୍ଜଳି ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# ରାମେଶ୍ୱର ମନ୍ଦିରରେ ବାର୍ଷିକ ଯଜ୍ଞ ଉଦ୍‌ଯାପିତ

କଣିହାଁ,୨୯।୯(ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଗ୍ରାମ ରାମେଶ୍ୱର ମନ୍ଦିର ଠାରେ ଚାଲିଥିବା ବାର୍ଷିକ ଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ବୁଧବାର ସକାଳେ ଗ୍ରାମର ମହିଳାମାନେ ବ୍ରାହ୍ମଣୀ ନଦୀରୁ ପାଣି ଧରି କଳସ ଯାତ୍ରାରେ ମନ୍ଦିରକୁ ଆସିଥିଲେ। ସେଠାରେ ଶୁଭ ଅଧିବାସ ପରେ ଅଖଣ୍ଡ ଯଜ୍ଞାହୁତି ଓ ଅଷ୍ଟପ୍ରହର ମହାମନ୍ତ୍ର କୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୁରୋହିତ ଅନନ୍ତ ଚରଣ ମିଶ୍ର ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ମଧ୍ୟାହ୍ନରେ ପୂର୍ଣ୍ଣାହୁତି ପରେ ଉପସ୍ଥିତ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନ୍ନ ପ୍ରସାଦ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବରିଷ୍ଠ ଭାଜପା ନେତା ଜଗମୋହନ ପ୍ରଧାନ ଯୋଗ ଦେଇଥିଲେ। ଗ୍ରାମ କମିଟି ସଭାପତି ଡ. ନିରଞ୍ଜନ ସାମଲ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ରେଙ୍ଗାଳି ଗ୍ରାମ କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ୧୦୧ ୟୁନିଟ୍ ରକ୍ତ ସଂଗ୍ରହ

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡକ୍ରସ୍ ପକ୍ଷରୁ ଶୁକ୍ରବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଯୁବ ରେଡକ୍ରସ ଅଧିକାରୀ ତଥା ଉପ ସଚିବ ଡ. ରମେଶଚନ୍ଦ୍ର ବେହେରା ଭିଡିଓ କନଫରେନସିଂ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଦେବାଶିଷ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏହି ଶିବିରରେ ୧୦୧ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜିଲା ରେଡ୍‌କ୍ରସ୍ ଶାଖା ଉପସଭାପତି ବିରଞ୍ଚି ନାରାୟଣ ପାଣି ଶିବିରକୁ ଶୁଭାରମ୍ଭ କରିଥିଲେ। ମହାବିଦ୍ୟାଳୟର ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ରଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଅନ୍ୟ କର୍ମଚାରୀ ରକ୍ତଦାନ କରି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ଜିଲା ଯୁବ ରେଡକ୍ରସ ଆବାହକ ଡ. ଭୁପେଶଚନ୍ଦ୍ର ସାହୁ ଶିବିର ପରିଚାଳନା କରିଥିଲେ। ସହକାରୀ ପ୍ରଫେସର ଡ. ରଜନୀକାନ୍ତ ଖୁଣ୍ଟିଆ ବୈଷୟିକ ସହାୟତା ଯୋଗାଇଥିଲେ। ସହକାରୀ ପ୍ରଫେସର ଡ. ଅନିରୁଦ୍ଧ ଖିଲାର, ଡ. ସୁରେଖା ବଳିଆରସିଂ, ଡ. ଦେବରାଜ ପରିଡା, ଡ. ଶିବାନନ୍ଦ ସାହୁ, ସୁପ୍ରଭା ମହାରଣା, ଦିଲୀପ କୁମାର ମଲିକ, ଚିନ୍ମୟୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ଆୟୁଷ କୁମାର ସାହୁ, ସତ୍ୟଜିତ ବେହେରା, ଆୟୁଷ ମହାନ୍ତି, ପଦ୍ମିନୀ ବେହେରା, ସ୍ମୃତିସେଜଲ ଶିଖା, ସ୍ୱନ୍ଦିତା ବାରିକ, ସତ୍ୟପ୍ରକାଶ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁବ ରେଡ୍‌କ୍ରସ୍ ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଛି।

# ୩୨୧ ଲିଟର ମଦ ଜବତ, ୩ ଗିରଫ

କାମାକ୍ଷାନଗର,୨୯।୯(ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକର ବିଭିନ୍ନ ସ୍ଥାନରେ ପୋଲିସ ଓ ଅବକାରୀ ବିଭାଗ ମିଳିତ ଭାବେ ଚଢ଼ାଉ କରି ବିପୁଳ ପରିମାଣର ପୋଚ ଓ ୩୨୧ ଲିଟର ଦେଶୀ ମଦ ଜବତ କରିଛନ୍ତି। ଏହି ଘଟଣାରେ ତାରିଣୀପଶି ଗ୍ରାମର ଚନ୍ଦ୍ରକାନ୍ତ ମାରାଣ୍ଡି, ରାଣୀ ମାରାଣ୍ଡି ଏବଂ ବାଲିକୁମାର ଚାନ୍ଦ୍ରାଇ ଟୁଡୁଙ୍କୁ ଗିରଫ କରାଯାଇଛି। ସେହିପରି ଢୋଲଖମଣ, ବାଲିକୁମା ଓ ତାରିଣୀପଶିର ଅନ୍ୟ ୩ଟି ସ୍ଥାନରେ ଚଢ଼ାଉ କରାଯାଇ ୭୦୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଜବତ ମଦର ଆନୁମାନିକ ମୂଲ୍ୟ ୬୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହୋଇଥିବାବେଳେ ନଷ୍ଟ କରାଯାଇଥିବା ପୋଚର ମୂଲ୍ୟ ସାଢେ ୩ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂତ୍ରରୁ ପ୍ରକାଶ। ଢେଙ୍କାନାଳ ଜିଲା ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ କଙ୍କଡ଼ାହାଡ଼ ଥାନା ଅଧିକାରୀ, କାମାକ୍ଷାନଗର ପୋଲିସ, ପରଜଙ୍ଗ ଅବକାରୀ ବିଭାଗ, କାମାକ୍ଷାନଗର ଅବକାରୀ ବିଭାଗ, ଭୁବନ ଅବକାରୀ ବିଭାଗ, ଗଁଦିଆ ଅବକାରୀ ବିଭାଗ, ସଦର ଅବକାରୀ ବିଭାଗ ସହିତ ଜିଲା ଅବକାରୀ ମୋବାଇଲ ସ୍କ୍ୱାଡ୍ କର୍ମଚାରୀ ଚଢାଉରେ ସାମିଲ ଥିଲେ।



# କଠିନ ପରିଶ୍ରମରେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ସମ୍ଭବ


ଭୁବନ ବ୍ଲକ ମଠକରଗୋଳା କଲେଜରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର,୨୯।୯ (ଅମଜାଦ୍ ଖାନ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ମଠକରଗୋଳା କଲେଜ ଭୌତିକ ବିଜ୍ଞାନ ବିଭାଗ ତରଫରୁ ନୂତନ ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଏଥିରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ କୈଳାସ ଚନ୍ଦ୍ର ପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିଲେ। ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ନୂତନ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। କଠିନ ପରିଶ୍ରମ, ଦୃଢ଼ ମନୋବଳ ଓ ନିରନ୍ତର ଉଦ୍ୟମ ବଳରେ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିହେବ ବୋଲି ଅଧ୍ୟକ୍ଷ ମତବ୍ୟକ୍ତ କରିଥିଲେ। ଭବିଷ୍ୟତରେ ସୁନାଗରିକ ହେବା ପାଇଁ ଅଧ୍ୟାପିକା ପ୍ରତିଭା ମଞ୍ଜରୀ ଦାଶ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର, ପ୍ରଶାନ୍ତ ମିଶ୍ର, ସସ୍ମିତା ରାଉତ, ଶୁଭସ୍ମିତା ବିଶ୍ୱାଳ, ଲଳିତ ବେହେରା ଉପସ୍ଥିତ ଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମିଷ୍ଟର ଫ୍ରେସର ଓ ମିସ ଫ୍ରେସରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ପରେଶ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

# ୧୫ ଫୁଟର ଅଜଗର ଉଦ୍ଧାର

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ଥାନା ତରଭା ଫାଣ୍ଡି ଜହ୍ନିତଇଲା ଗ୍ରାମସ୍ଥିତ ମା' ସନ୍ତୋଷୀ ଫାର୍ମ ହାଉସ ପରିସରରୁ ଶୁକ୍ରବାର ଏକ ୧୫ ଫୁଟ ଲମ୍ବର ଅଜଗର ଉଦ୍ଧାର ହୋଇଛି। ଫାର୍ମ ହାଉସ କର୍ମଚାରୀମାନେ ସାପଟିକୁ ଦେଖିବା ପରେ ମାଲିକ ଦୀପକ ରଞ୍ଜନ ସାହୁଙ୍କୁ ଜଣାଇଥିଲେ। ପରେ ଖବରପାଇ ବନ୍ୟଜନ୍ତୁ ଓ ସାପ ଉଦ୍ଧାରକାରୀ ଦଳର ସୂର୍ଯ୍ୟକାନ୍ତ ବେହେରା ଘଟଣାସ୍ଥଳରେ ପହଞ୍ଚି ସାପଟିକୁ ଧରିଥିଲେ। ଉଦ୍ଧାରପରେ ସାପଟିକୁ ମେଘା ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଛି।

# ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ପରଜଙ୍ଗ,୨୯।୯(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ କଲେଜରେ ଓଡ଼ିଆ ବିଭାଗ ପକ୍ଷରୁ ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷ ନିହାର ରଞ୍ଜନ ସାହୁ ଯୋଗଦେଇଥିଲେ। ଅଧ୍ୟାପିକା ପ୍ରାଚୀପ୍ରଭା ସାଏନ୍ତ, ଦେବୀକୃପା ଦଳ ବେହେରା, ଅଞ୍ଜନ କୁମାର ମହାରଣା, କୁଳମଣି ମେହେର ପ୍ରମୁଖ ଉପସ୍ଥିତ ଥିଲେ।

# ୩୪ ଷ୍ଟାର୍ଟଅପ୍ ଆଇଡିଆ ସଂଗୃହୀତ

ଢେଙ୍କାନାଳ,୨୯।୯(ରତନ ନାୟାର)

ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ୨୦୨୩ ରାଜ୍ୟର ବିଭିନ୍ନ ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ଠାରୁ ପ୍ରତିକ୍ରିୟା ହାସଲ କରୁଛନ୍ତି। ନୂଆ ଷ୍ଟାର୍ଟଅପ୍ ଆଇଡିଆ ସନ୍ଧାନରେ ଏହି ଯାତ୍ରା ଶୁକ୍ରବାର ଢେଙ୍କାନାଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିଥିଲା। ଏହି ଶିକ୍ଷାନୁଷ୍ଠାନଗୁଡିକ ହେଲା ଆଇଜିଆଇଟି ସରାଙ୍ଗ, ଆଇଆଇଏମ୍‌ସି, ସିନର୍ଜୀ ଇଞ୍ଜିନିୟରିଂ କଲେଜ ଓ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ। ଏହି ଗସ୍ତ ସମୟରେ ଜିଲାରେ ସମୁଦାୟ ୩୪ଟି ନୂଆ ଆଇଡିଆ ସଂଗ୍ରହ କରାଯାଇଥିବା ବେଳେ ମୋଟ ୨୧୧ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ପୂର୍ବ ସଂସ୍କରଣର ଉଲ୍ଲେଖନୀୟ ସଫଳତା ପରେ ଚଳିତବର୍ଷ ଏହି ଷ୍ଟାର୍ଟଅପ୍ ଯାତ୍ରା ୨୦୦ରୁ ଅଧିକ କଲେଜ ଓ ୬୦ରୁ ଅଧିକ ବିଦ୍ୟାଳୟ ପରିଦର୍ଶନ କରି ଏହି ପ୍ରୟାସକୁ ଆହୁରି ଆଗକୁ ବଢାଇବାକୁ ଲକ୍ଷ୍ୟ ରଖିଛି। ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା ଓ ଷ୍ଟାର୍ଟଅପ୍ ଏକ୍ସପ୍ରେସ୍ ୨୦୨୩ ତୃଣମୂଳସ୍ତରରେ ନବ ସୃଜନକାରୀଙ୍କୁ ଉତ୍ସାହିତ କରିବା ଓ ସେମାନଙ୍କ ମଧ୍ୟରେ ଉଦ୍ୟୋଗିତା ଭାବ ଜାଗ୍ରତ କରିବା ଲକ୍ଷ୍ୟ ରଖିଛି।।


ସିନର୍ଜୀ ଇଞ୍ଜିନିୟରିଂ କଲେଜରେ ଓଡ଼ିଶା ଷ୍ଟାର୍ଟଅପ୍ ଯାତ୍ରା।

# କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ

ଢେଙ୍କାନାଳ,୨୯।୯(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ମହିମାଗାଦି ଅନ୍ତର୍ଗତ କ୍ଲଷ୍ଟରସ୍ତରୀୟ ଶିଶୁ ସୁରଭି ମହୋତ୍ସବ ସିଆରସିସି ବାସନ୍ତୀ ସାହୁଙ୍କ ତତ୍ତ୍ୱାବଧାନରେ ଯୋରନ୍ଦା ପାଟଣା ଉ.ପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋରନ୍ଦା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତନୁଶ୍ରୀ ମିଶ୍ର, ମୁଖ୍ୟବକ୍ତା ଭାବେ ଗୀତାରାଣୀ ବେହେରା, ସମ୍ମାନିତ ଅତିଥି ଭାବେ ନମିତା ସେନାପତି, କୌଶଲ୍ୟା ସାହୁ, ଝର ହେମରାମ, ସଞ୍ଜୟ ପରିଡା ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡିବେଟ, କୁଇଜ୍, ପ୍ରବନ୍ଧ ଲିଖନ, ସୃଜନାତ୍ମକ ଲିଖନ, ଚିତ୍ରାଙ୍କନ, ହସ୍ତାକ୍ଷର ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅନିମା ପରିଡା ମଞ୍ଚ ପରିଚାଳନା କରିଥିଲେ। ଛାଟିଆ, ନେଉଳପୋଇ, ବିରିଖୁଣ୍ଟି, କାଙ୍କଲୁଣ୍ଡା, ମାଣିତ୍ରି, ଆଡିଣ୍ଡାର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ।

# ଡାକମଣ୍ଡଳ ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ


ଢେଙ୍କାନାଳ ଡାକମଣ୍ଡଳ ତରଫରୁ ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅବସରରେ ପବିତ୍ର ମାଟି ସଂଗ୍ରହ କରାଯାଉଛି।

ଢେଙ୍କାନାଳ,୨୯।୯(ରତନ ନାୟାର)

ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅବସରରେ ଢେଙ୍କାନାଳ ଡାକ ମଣ୍ଡଳ ତରଫରୁ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମ ଜିନେଇଲ, କନ୍ଧିମିଲି, କଲଣ୍ଡା, ଚିରୁଳେଇ, ଯୋରନ୍ଦା, କରମୂଳ, ବାରିହାପୁର, ଚାନ୍ଦପୁର, ଢେଙ୍କାନାଳ ମ୍ୟୁନିସିପାଲିଟି ୱାର୍ଡ ନମ୍ବର–୭ ଆଦି ସ୍ଥାନରୁ ପବିତ୍ର ମାଟି ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ମାଟି ସଂଗୃହୀତ କଳସଗୁଡିକୁ ନିର୍ଦ୍ଧାରିତ ଶାଖା ଡାକଘର ମାଧ୍ୟମରେ ମଣ୍ଡଳ କାର୍ଯ୍ୟାଳୟ ଢେଙ୍କାନାଳକୁ ଅଣାଯିବ। ଏହି ସଂଗୃହୀତ ମାଟିକୁ ଡାକ ବିଭାଗର ଦିଲ୍ଲୀସ୍ଥିତ ମୁଖ୍ୟ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ରାଷ୍ଟ୍ରୀୟ ଯୁଦ୍ଧ ସ୍ମାରକ ପାଖରେ ଅମୃତ ବାଟିକା ସ୍ଥାପନ କରାଯିବ। କାର୍ଯ୍ୟକ୍ରମରେ ଢେଙ୍କାନାଳ ଡାକ ମଣ୍ଡଳ ଅଧୀକ୍ଷକ ଜଗ୍‌ଦୀଶ ଦାଶ, ଉପଅଧୀକ୍ଷକ ନୀଳମଣି ଜାନି, ମୁଖ୍ୟ ଡାକପାଳ ସୁରେଶ ଚନ୍ଦ୍ର ସ୍ୱାଇଁ ଏବଂ ସହଡାକପାଳ ଅଶୋକ କୁମାର ନନ୍ଦ ଏବଂ ନେହେରୁ ଯୁବ କେନ୍ଦ୍ରର ଉପନିର୍ଦ୍ଦେଶକ ଅଶୋକ କୁମାର ଦାଶଙ୍କ ସମେତ ଢେଙ୍କାନାଳ ଡାକ ପରିବାରର ଅନେକ ସଦସ୍ୟ ତଥା ଉତ୍ସାହୀ ଜନସାଧାରଣ ଯୋଗ ଦେଇଥିଲେ। ଜନ ସଂପର୍କ ଅଧିଞ୍ଜକାରୀ ମଧୁସ୍ମିତା ମାଝି, ବିଜିନେସ୍ ଏକ୍‌ଜିକ୍ୟୁଟିଭ୍ ଜୟନ୍ତ କୁମାର ସାହୁ ଏବଂ ଅଫିସ୍ ଆସିଷ୍ଟାଣ୍ଟ କାଳନ୍ଦୀ ଚରଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

